## ସଂକ୍ଷେପରେ

### କନ୍ଧମାଳରେ ୫୨ ପଜିଟିଭ୍ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି

ଫୁଲବାଣୀ ଅଫିସ, ୮।୮-କନ୍ଧମାଳ ଜିଲାରେ ମଙ୍ଗଳବାର ପୁଣି ୫୨ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଣେ ଏଏସ୍ଆଇ ଓ ଅନ୍ୟ ଜଣେ କଳିଙ୍ଗା ଅଞ୍ଚଳର। ଏହାକୁ ମିଶାଇ ଜିଲାରେ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ନୂତନ ଚିହ୍ନଟଙ୍କ ମଧ୍ୟରେ ୨୧ ଜଣ ମହିଳା ଓ ୩୧ ଜଣ ପୁରୁଷ ଅଛନ୍ତି। ବାଲିଗୁଡାରୁ ୧୭ ଚିହ୍ନଟ ହୋଇଥିବା ବେଳେ ଜି ଉଦୟଗିରିରୁ ୧୬, ଫୁଲବାଣୀରୁ ୧୦, ଦାରିଙ୍ଗିବାଡିରୁ ୪, ଚକାପାଦରୁ ଜଣେ, ଟିକାବାଲିରୁ ଜଣେ, ତୁମୁଡିବନ୍ଧରୁ ୩ ଜଣ ରହିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୮।୮- ଗୋଛାପଡା ପୋଲିସ କେନ୍ଦାଗୁଡା ଗ୍ରାମରେ ଚଢ଼ାଉ କରି ଏକ ପିକ୍ଅପ ଭ୍ୟାନରୁ ଶନିବାର ସାଢ଼େ ୮ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗାଡି ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ନରୋତ୍ତମ ପଲିଆ। ବୌଦ୍ଧ ଜିଲା କଣ୍ଟାମାଳକୁ ଏହି ଗଞ୍ଜେଇ ଚାଲାଣ ହେଉଥିବା ଚାଳକ ଜେରାବେଳେ କହିଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

### ଅସହାୟ ମହିଳାଙ୍କୁ ସଂସ୍କାର କଲେ ବିଧାୟକ

ବ୍ରହ୍ମପୁର ଅଫିସ,୮।୮- କରୋନା ଭଳି ସଙ୍ଗିନ ସ୍ଥିତିରେ ଜଣେ ଅସହାୟ ଗରିବ ଅବିବାହିତା ମହିଳାଙ୍କ ଶବ ସଂସ୍କାର କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା। ବ୍ରହ୍ମପୁର କପିଳେଶ୍ୱର ପେଟ୍ଟା ଛକ ନିକଟରେ ରହୁଥିବା ମହିଳା ସରସ୍ୱତୀ ସାହୁ( ୭୦) ଙ୍କର ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କୁ କରୋନା ସନ୍ଦେହରେ ସରସ୍ୱତୀଙ୍କର କୋଣସି ସମ୍ପର୍କୀୟ ତାଙ୍କ ମୃତଦେହ ପାଖକୁ ଆସି ନ ଥିଲେ । ଏନେଇ ଖବର ପାଇବା ପରେ ବ୍ରହ୍ମପୁର ବିଧାୟକ ପଣ୍ଡା ବିଜୁ ଜନତା ଦଳର କେତେଜଣ କର୍ମୀଙ୍କୁ ନେଇ ସରସ୍ୱତୀଙ୍କ ମୃତଦେହ ସଂସ୍କାର କରିଥିଲେ ।

### ଭିଡିଓ ଭାଇରାଲ୍, ୫ ଗିରଫ

ଆସିକା,୮।୮(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଇଲାକାରେ ହୋଇଥିବା ଏକ ଭିଡିଓ ଭାଇରାଲ୍ ମାମଲାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ଏହି ମାମଲାରେ ଗଜାନନ ପାତ୍ରଙ୍କୁ ଗିରଫ କରିଥିବାବେଳେ ଶନିବାର ସାଗର ରଣା, ବିଦ୍ୟାଧର ରଣା, କିଷାନ ରଣା ଓ ଦୀପକ ରଣାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଏହି ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମର। ଅଭିଯୁକ୍ତମାନେ ଜଣେ ମହିଳାଙ୍କ ସମ୍ପର୍କରେ ଅଶ୍ଳୀଳ ଭିଡିଓ ଭାଇରାଲ୍ କରିବା ନେଇ ଗାଙ୍ଗପୁର ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୨୧୮/୨୦) ରୁଜୁ କରାଯାଇଥିବା ଥାନା ଅଧିକାରୀ ଧିରେଶ୍ କୁମାର ଦାସ ସୂଚନା ଦେଇଛନ୍ତି।

### ବାଲି ଚୋରା ଚାଲାଣ, ୬ ଟ୍ରକ୍ ଜବତ

ଆସିକା,୮।୮(ଡି.ଏନ୍.ଏ.)- ଆସିକା ସହରର ବିଜୁପଟ୍ଟନାୟକ ଛକରୁ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଚୋରା ଚାଲାଣ ହେଉଥିବା ବେଳେ ୬ଟି ବାଲି ବୋଝେଇ ଟ୍ରକ୍ ଜବତ କରିଛି। ଏହି ମାମଲାରେ ଗାଡି ଚାଳକ ଆନ୍ଧ୍ରପ୍ରଦେଶର ବି. ଆପ୍ପାରାଓ, ମସ୍ତାନ ମହମ୍ମଦ, ବିନୟ କୁମାର ରେଡ୍ଡୀ, ସେକ୍ ଦାନିସ୍କ ଏବଂ ଗଞ୍ଜାମ ଜିଲାର ରବି ଗୌଡ ଓ ନରସିଂହ ଗୌଡଙ୍କୁ ଅଟକ ରଖିଛି। ଏହି ବାଲି ଭଞ୍ଜନଗର ନିକଟସ୍ଥ ବାରୁଡା ଗ୍ରାମ ସଂଲଗ୍ନ ବଡନଦୀରୁ ଆସିକା ଦେଇ ଆନ୍ଧ୍ରପ୍ରଦେଶର ନେଲୁର୍ ଯାଉଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଏନେଇ ମାମଲା (ନଂ.୪୦୬/୨୦) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ମନ୍ଦିର ତାଲା ଭାଙ୍ଗି ଚୋରି

ଧରାକୋଟ,୮।୮(ଡି.ଏନ.ଏ)- ଲକ୍ଡାଉନ୍ର ସୁଯୋଗ ନେଇ ଶୁକ୍ରବାର ରାତିରେ ଧରାକୋଟର କାଳୀ ମନ୍ଦିର, ହନୁମାନ ମନ୍ଦିର ଓ ସ୍ୱପ୍ନେଶ୍ୱର ମନ୍ଦିରର ତାଲା ଭାଙ୍ଗିଛନ୍ତି ଦୁର୍ବୃତ୍ତ। କାଳୀ ମନ୍ଦିର ଦାନହୁଣ୍ଡି ନେଇଯାଇଥିବାବେଳେ ଅନ୍ୟ ୨ ମନ୍ଦିରରୁ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। କାଳୀ ମନ୍ଦିରର ଦାନହୁଣ୍ଡିକୁ ନେଇ ବୁଢ଼ୀ ଠାକୁରାଣୀ ମନ୍ଦିର ପଛପଟେ ଭାଙ୍ଗିବା ପରେ ସେଥିରେ ଥିବା ଟଙ୍କା ନେଇଯାଇଥିଲେ। ସେହିପରି କାଳୀ ମନ୍ଦିର ପାର୍ଶ୍ୱରେ ରହିଥିବା ହନୁମାନ ମନ୍ଦିରର ଭଣ୍ଡାର ଗୃହ ତାଲା ଭାଙ୍ଗି ରୋଷେଇ ସାମଗ୍ରୀ ନେଇ ଏକ ବିଲ ମଧ୍ୟରେ ଫିଙ୍ଗି ଦେଇଛନ୍ତି। ମାତ୍ର ସ୍ୱପ୍ନେଶ୍ୱର ମନ୍ଦିର ଭଣ୍ଡାର ଗୃହ ତାଲା ଭାଙ୍ଗିଥିଲେ ମଧ ଚୋରି କରିପାରିନାହାନ୍ତି।

# ‘ଗଞ୍ଜାମରେ କରୋନା ସ୍ଥିତି ସୁଧୁରୁଛି’

ବ୍ରହ୍ମପୁର ଅଫିସ,୮।୮

- ଜିଲାରେ ୭୮ ପ୍ରତିଶତ ସୁସ୍ଥ ହୋଇଛନ୍ତି
- ୩ ଦିନରେ ୧୫୦୦ ଆକ୍ରାନ୍ତ ଭଲ ହେଲେ
- ଏନ୍ଏସି, ମ୍ୟୁନିସିପାଲିଟିରେ ସ୍ୱାସ୍ଥ୍ୟ ଯାଞ୍ଚ
- ୨୦୦ ଟିମ୍ ନିୟୋଜିତ

ଗଞ୍ଜାମ ଜିଲାରେ ସୁଧୁରୁଛି କରୋନା ସ୍ଥିତି। ବର୍ତ୍ତମାନ ସୁଦ୍ଧା ୭୮ ପ୍ରତିଶତ ସୁସ୍ଥ ହୋଇଥିବା ବେଳେ ଗତ ୩ ଦିନରେ ଜିଲାରେ ୧୫ ଶହ ଭଲ ହୋଇଛନ୍ତି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

ଶନିବାର ବ୍ରହ୍ମପୁର ଟାଉନ୍ହଲରେ ଆୟୋଜିତ ଖବରଦାତା ସମିଳନୀରେ ଜିଲାପାଳ ଏହି ସୂଚନା ଦେଇଛନ୍ତି , ଜୁଲାଇ ପ୍ରଥମ ସପ୍ତାହ ତୁଳନାରେ ବର୍ତ୍ତମାନ ୩ ଗୁଣ ପରୀକ୍ଷା ହେଉଛି। ଗତ କିଛି ଦିନ ମଧ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମଧ ହ୍ରାସ ପାଉଛି। ଅନେକ ରେଡ୍ ଜୋନ୍ ଗ୍ରାମ ଏବେ ଗ୍ରୀନ ଜୋନ୍ରେ ପରିଣତ ହୋଇଛି। ବର୍ତ୍ତମାନ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୦ ପ୍ରତିଶତ ତଳେ ରହୁଛି। ନିୟମିତ ଡୋର ଟୁ ଡୋର ସ୍ୱାସ୍ଥ୍ୟ ଯାଞ୍ଚ ଯୋଗୁ ଏହା ସମ୍ଭବ ହୋଇଛି। ଆଗାମୀ ଦିନରେ ସଂକ୍ରମିତଙ୍କ ସଂଖ୍ୟା ଆହୁରି ହ୍ରାସ ପାଇବା ନେଇ ଆଶା କରାଯାଉଥିବା ଜିଲାପାଳ କହିଛନ୍ତି। ଶନିବାରରୁ ଜିଲାର ସମସ୍ତ ସହରାଞ୍ଚଳରେ ଡୋର ଟୁ ଡୋର ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ ହୋଇଛି। ଆସନ୍ତା ମଙ୍ଗଳବାର ସୁଦ୍ଧା ସମସ୍ତ ଏନ୍ଏସି ଓ ହଞ୍ଜିଲିକାଟୁ ମ୍ୟୁନିସିପାଲିଟି ଅଞ୍ଚଳରେ ଯାଞ୍ଚ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୦୦ ସ୍ୱାସ୍ଥ୍ୟ ଟିମ୍ ନିୟୋଜିତ ହୋଇଛନ୍ତି। ଏବେ କରୋନାରୁ ସୁସ୍ଥ ହୋଇଥିବା ହଜାରେ କୋଭିଡ୍ ବନ୍ଧୁ ସାଜି କରୋନାକୁ ନ ଡରି ସତର୍କ ହେବାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲୋକଙ୍କୁ ସଚେତନ କରୁଛନ୍ତି। ଯାହାଦ୍ୱାରା ଅନେକ ଲୋକ ସ୍ୱେଚ୍ଛାକୃତ ଭାବେ ପରୀକ୍ଷା କରିବା ପାଇଁ ଆଗେଇ ଆସୁଛନ୍ତି। ଏହା ବ୍ୟତୀତ କରୋନା ମୁକାବିଲା ପାଇଁ ଜିଲାର ୩ କୋଭିଡ୍ ହସ୍ପିଟାଲରେ ୫୨୦ ଶଯ୍ୟା ପ୍ରସ୍ତୁତ ରହିଥିବା ବେଳେ ଅଗଷ୍ଟ ଶେଷ ସୁଦ୍ଧା ଆଉ ୧୦୦ ଶଯ୍ୟା ଏଥିରେ ଯୋଡ଼ା ଯିବ। ଏହାବ୍ୟତୀତ କୋଭିଡ୍ ହସ୍ପିଟାଲରେ ୯୦ ଆଇସିୟୁ ରହିଥିବା ବେଳେ କୋଭିଡ୍ କେୟାର ସେଣ୍ଟରରେ ୧୭୦୦ ଅକ୍ସିଜେନ ସିଲିଣ୍ଡର, ୭୨୫ ଅକ୍ସିଜେନ ସପୋର୍ଟେଡ୍ ଶଯ୍ୟା ରହିଛି। ସେହିପରି ଗ୍ରାମାଞ୍ଚଳରେ ଥିବା କୋଭିଡ୍ କେୟାର ହୋମ୍ରେ ୫୦୮୮ ଶଯ୍ୟା ରହିଛି। ୧୩୨ ଆମ୍ବୁଲାନ୍ସ ସହ ୧୦୮ ଆମ୍ବୁଲାନ୍ସକୁ ମଧ ନିୟୋଜିତ କରାଯାଇଛି। ଜିଲାରେ ବର୍ତ୍ତମାନ କରୋନା ସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଜିଲାପାଳ କହିଥିଲେ। ବର୍ତ୍ତମାନ ପ୍ଲାଜ୍ମା ଦାନ ପାଇଁ ମଧ ୪୭୨ ଜଣ ଆଗେଇ ଆସିଥିବା ସେ ସୂଚାଇଥିଲେ। ଅନ୍ୟପକ୍ଷରେ ବ୍ରହ୍ମପୁରରେ ମଧ କରୋନା ସୁସ୍ଥଙ୍କ ସଂଖ୍ୟା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଥିବା ବିଏମ୍ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଥିଲେ। ଖବରଦାତା ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍ସି କମିଶନରଙ୍କ ସମେତ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ, କମିଶନର ଓ ଉପଜିଲାପାଳ।

# ଟେଷ୍ଟ ବଢୁଛି, ପଜିଟିଭଙ୍କ ସଂଖ୍ୟା କମୁଛି

ଛତ୍ରପୁର,୮।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ସହରାଞ୍ଚଳରେ ଶନିବାରରୁ ଘରକୁ ଘର ମେଗା ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହୋଇଛି । ୫ ଦିନ ମଧ୍ୟରେ ସମସ୍ତ ଯାଞ୍ଚ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସହାୟକଙ୍କୁ ନେଇ ଗଠିତ ଟିମ୍ ପ୍ରତି ଥର୍ମାଲ, ସ୍କ୍ରିନିଂ ଓ ପଲ୍ସ ଆଦି ଯାଞ୍ଚ କରୁଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ସ୍ଥିତି କିଭଳି ଅଛି ଓ ତାର ଯାଞ୍ଚ ଚାଲିଥିବା ବିଷୟରେ ସ୍ୱତନ୍ତ୍ର ଅତିରିକ୍ତ ଜିଲାପାଳ (ଛତ୍ରପୁର)ପାରୁଲ ପଟୱାରୀ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଶନିବାର, ରବିବାର ଶଟ୍ଡାଉନ୍ ରହିଛି। ଏଥିସହ ଗ୍ରାମାଞ୍ଚଳ ଲୋକଙ୍କୁ ସହରାଞ୍ଚଳ ଆସିବାକୁ ମନା କରାଯାଇଛି । ପୂର୍ବ ତୁଳନାରେ ଗତ ସପ୍ତାହରେ ୨୭ ପ୍ରତିଶତ କରୋନା ପରୀକ୍ଷା ହୋଇଛି । ଶୁକ୍ରବାର ଛତ୍ରପୁର ସବ୍ଡିଭିଜନରେ ୯୬୪ ଟେଷ୍ଟ ହୋଇଛି । ଟେଷ୍ଟ ବଢୁଥିବାବେଳେ ପଜିଟିଭ୍ ସଂଖ୍ୟା କମୁଥିବା ସ୍ୱତନ୍ତ୍ର ଏଡିଏମ୍ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ୨୧ ହଜାର ୨୨୨ ଟେଷ୍ଟ ହୋଇଛି। ଏହି ସବ୍ଡିଭିଜନରେ ୩ ହଜାର ୪୬୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨ହଜାର ୫୮୩ ଯାହାକି ୭୪ ପ୍ରତିଶତ ଲୋକ ସୁସ୍ଥ ହେଲେଣି । କରୋନାରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳ ୮୫୫ ଜଣ (୨୪.୬୫ ପ୍ରତିଶତ) ଙ୍କ ଚିକିତ୍ସା ଚାଲିଛି। ସ୍ୱତନ୍ତ୍ର ଏଡିଏମ୍ ଆହୁରି କହିଥିଲେ, ୩୨ ଆମ୍ବୁଲାନ୍ସ, ୧୬ ଅକ୍ସିଜେନ୍ ରହିତ ଆମ୍ବୁଲାନ୍ସ, ୩ ମୃତଦେହ ବୁହା ଗାଡି ବ୍ୟବସ୍ଥା ହୋଇଛି। ୮୧ କୋଭିଡ୍ ବନ୍ଧୁମାନେ ପଜିଟିଭ୍ମାନଙ୍କୁ କଲ୍କରି କାଉନ୍ସେଲିଂ କରିଛନ୍ତି। ୧୧୪ ଜଣ ପ୍ଲାଜମା ଦେବାକୁ ରାଜି ହୋଇଛନ୍ତି । ଛତ୍ରପୁର ସବ୍ଡିଭିଜନର ୯୫୧ ଗାଁରୁ ୭୪୧ (୭୮ %) ଏବଂ ସହରାଞ୍ଚଳର ୧୩୬ ୱାର୍ଡରୁ ୬୯ ୱାର୍ଡ (୫୧ %) ଗ୍ରୀନ୍ ଜୋନ୍ରେ ରହିଛି । ଗ୍ରାମାଞ୍ଚଳରେ ୬୧ କଣ୍ଟେନ୍ମେଣ୍ଟ ଜୋନ୍ ଓ ସହରାଞ୍ଚଳରେ ୨୦ କଣ୍ଟେନ୍ମେଣ୍ଟ ଜୋନ୍ ରହିଛି। ବର୍ତ୍ତମାନ ସୁଦ୍ଧା ୪୦୩ କୋଭିଡ୍ ଯୋଦ୍ଧା ପଜିଟିଭ୍ ହୋଇଥିବାବେଳେ ଏଥିରୁ ୨୨୫ ସୁସ୍ଥ ହୋଇଛନ୍ତି। ୧୭୨ ଜଣଙ୍କ ଚିକିତ୍ସା ଚାଲିଥିବାବେଳ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏହି ସବ୍ଡିଭିଜନ୍ରେ ୧୮୮କୋଭିଡ୍ କେୟାର ହୋମ୍ ରହିଛି। ସେଠାରେ ୧୯୮୬ ବେଡ୍ ରହିଛି। ଖବରଦାତା ସମ୍ମିଳନୀରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ ।



ସ୍ୱତନ୍ତ୍ର ଏଡିଏମ୍ ସୂଚନା ଦେଉଛନ୍ତି ।

## ସହାୟତା ଦାବିରେ ପ୍ରବାସୀଙ୍କ ରାସ୍ତାରୋକୋ

ବୁଗୁଡା,୮।୮(ଡି.ଏନ୍.ଏ.)

ସଙ୍ଗରୋଧରେ ରହିଥିବା ବୁଗୁଡା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ବେତାରସିଙ୍ଗି ଗ୍ରାମର ପ୍ରବାସୀଙ୍କୁ ଅଦ୍ୟାବଧି ପ୍ରୋତ୍ସାହନ ରାଶି ମିଳିନାହିଁ। ଏହାର ପ୍ରତିବାଦରେ ଶନିବାର ଅପରାହ୍ନରେ ସେମାନେ ଗୋଳାବନ୍ଧ-ବେତାରସିଙ୍ଗି ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ସେମାନଙ୍କୁ ହଜାରେ ଟଙ୍କା ଦେଇ ବାକି ହଜାରେ ଟଙ୍କା ଏପର୍ଯ୍ୟନ୍ତ ଦିଆଯାଉନାହିଁ। ଏନେଇ ଅଭିଯୋଗ କଲେ ମଧ ପ୍ରଶାସନ ଶୁଣୁନାହିଁ। ତେଣୁ ଶତାଧିକ ପ୍ରବାସୀ ରାସ୍ତାରୋକୋ କରିଥିଲେ। ଖବର ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏସଆଇ କାର୍ତ୍ତିକ ନାୟକ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ସରପଞ୍ଚ ବସନ୍ତ କୁମାର ସାମଲ ଆସନ୍ତା ଶୁକ୍ରବାର ମଧ୍ୟରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ପୋଖରୀରେ ବୁଡି ବୃଦ୍ଧ ମୃତ

ଖଜୁରିପଡ଼ା,୮।୮(ଡି.ଏନ୍.ଏ.)

ଖଜୁରିପଡ଼ା ଥାନା ଅରାପାଜୁ ପଞ୍ଚାୟତ ଭାଲିଆପଡା ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ଅବସର ପ୍ରାପ୍ତ ଶିକ୍ଷକ ନୃସିଂହ ଯାନୀ(୭୫)। ଗାଁ ପୋଖରୀକୁ ଗାଧୋଇ ଯାଇଥିବାବେଳେ ନୃସିଂହ ବୁଡି ଯାଇଥିଲେ। ଖଜୁରିପଡ଼ା ଦମକଳ ବାହିନୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଥାନା ଅଧିକାରୀ ରମାକାନ୍ତ ପାତ୍ର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୧୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

# ଶିକ୍ଷକଙ୍କ ପାଇଁ ହାଇଜେନିକ କିଟ୍ ଦେଲା ରେଡ୍କ୍ରସ୍

ବ୍ରହ୍ମପୁର ଅଫିସ, ୮।୮

ରାଜ୍ୟ ରେଡକ୍ରସ ପକ୍ଷରୁ ଗଞ୍ଜାମ ଜିଲାର ଯୁବ ରେଡ୍କ୍ରସ୍ ଏବଂ କନିଷ୍ଠ ରେଡ୍କ୍ରସ୍ରେ କାର୍ଯ୍ୟରତ ଥିବା ପରାମର୍ଶଦାତାଙ୍କ ନିମନ୍ତେ ହାଇଜେନିକ କିଟ୍ ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲାରେ କାର୍ଯ୍ୟରତ ରେଡ୍କ୍ରସ ଅଧିକାରୀମାନଙ୍କ ବିଭିନ୍ନ ପରିଚାଳନା ପାଇଁ ରାଜ୍ୟ ଜୁନିୟର ରେଡ୍କ୍ରସର ଏକ ପ୍ରତିନିଧି ଦଳ ଜିଲା ଶିକ୍ଷାଧିକାରୀଙ୍କୁ ଏହି କିଟ ପ୍ରଦାନ କରିଛନ୍ତି। ଜିଲାର ବିଭିନ୍ନ କୋଭିଡ୍ କେୟାର ହୋମ୍, କୋଭିଡ୍ କେୟାର ସେଣ୍ଟର ଓ ଅନ୍ୟାନ୍ୟ କୋଭିଡ୍ କାର୍ଯ୍ୟରେ ନିୟୋଜିତ ଶିକ୍ଷକଙ୍କ ପାଇଁ ୧୫୦୦୦ମାସ୍କ,୩୦୦ ଗ୍ଲୋବସ୍, ୧୦ ଲିଟର ସାନିଟାଇଜର, ୫୦ ଫେସ୍ ସିଲ ରେଡ୍କ୍ରସ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି। କିଟ୍ ପ୍ରଦାନ ବେଳେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲା ଶିକ୍ଷାଧିକାରୀ କିଟ୍ ଗ୍ରହଣ କରୁଛନ୍ତି ।

# କରୋନାକୁ ହରାଇ ଜନ୍ମ ଦେଲେ ପୁତ୍ର ସନ୍ତାନ

ବ୍ରହ୍ମପୁର ଅଫିସ ,୮।୮

**ପ୍ରଶାସନର ସହଯୋଗ ଦେଲା ନୂଆ ଜୀବନ**

ବର୍ତ୍ତମାନ ଗର୍ଭବତୀମାନେ ପ୍ରସବ ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଡାକ୍ତରଖାନାକୁ ଜରୁରିକାଳୀନ ପରିସ୍ଥିତିରେ ଚିକିତ୍ସା କିମ୍ବା ପ୍ରସବ ପାଇଁ ଗଲେ ପ୍ରଥମେ କରୋନା ପରୀକ୍ଷା ପାଇଁ ଧାଡି ଦେବାକୁ ପଡୁଛି। ମାତ୍ର ଏଭଳି ପରିସ୍ଥିତିରେ ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକର ଏକ ଘଟଣା ଉଦାହରଣ ସୃଷ୍ଟି କରିଛି। କୁକୁଡାଖଣ୍ଡି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ସମସ୍ତ ଗର୍ଭବତୀଙ୍କର ରକ୍ତନମୁନା ପରୀକ୍ଷା ପ୍ରଶାସନ ଆରମ୍ଭ କରିଛି। ଲାଞ୍ଜିଆ ପଞ୍ଚାୟତ ଅଞ୍ଚଳର ଜଣେ ଗର୍ଭବତୀଙ୍କର କୌଣସି କାରଣବଶତଃ ସାମାନ୍ୟ ଲକ୍ଷଣ ଦେଖାଦେବାରୁ ତାଙ୍କ ନମୁନା ପରୀକ୍ଷା କରାଯାଇଥିଲା। ପରେ ରିପୋର୍ଟ ପଜିଟିଭ ଆସିଥିଲା। ଡାକ୍ତରଙ୍କ କହିବାନୁସାରେ, କେବଳ ୧୦ ଦିନ ସମୟ ଥିଲା ପ୍ରସବ ପାଇଁ ଯାହାକୁ ଗୁରୁତର ସହିତ ନେଇ ପ୍ରଥମେ ମହିଳାଙ୍କୁ ଘରୋଇ ସଙ୍ଗରୋଧରେ ରଖାଗଲା। ତହସିଲଦାର, ଡାକ୍ତର ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ନିୟମିତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆବଶ୍ୟକ ଔଷଧ ଦିଆଯାଉଥିଲା। ୯ ଦିନ ସଙ୍ଗରୋଧରେ ରହିବା ପରେ ପ୍ରସବ ତାରିଖ ଆସିବାରୁ ପୁନର୍ବାର ସ୍ୱାବ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ନେଗେଟିଭ୍ ଆସିବାରୁ ଏମ୍କେସିଜିରେ ଅସ୍ତ୍ରୋପଚାର ପରେ ସେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ବର୍ତ୍ତମାନ ଉଭୟ ମା ଓ ଶିଶୁ ସୁସ୍ଥ ଅଛନ୍ତି। ମହିଳା ଜଣଙ୍କ କରୋନାକୁ ହରାଇ ସୁସ୍ଥ ଥିବାବେଳେ ଏହାକୁ ଏକ ଉଦାହରଣ ଦର୍ଶାଇ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ୨୨ ପଞ୍ଚାୟତରେ ଥିବା ଗର୍ଭବତୀଙ୍କୁ କରୋନା ମୁକ୍ତ କରିବା ଅଭିଯାନ ଆରମ୍ଭ ହୋଇଛି। ଜଣେ ଗର୍ଭବତୀଙ୍କ ନମୁନା ପରୀକ୍ଷା ଦ୍ୱାରା ଉଭୟ ମା' ଓ ଶିଶୁଙ୍କୁ ସୁରକ୍ଷିତ ରଖାଯାଇପାରିବ ବୋଲି ତହସିଲଦାର କହିଛନ୍ତି। ସେହିପରି କରୋନାକୁ ହରାଇ ସୁସ୍ଥ ହୋଇ ମହିଳା ଜଣଙ୍କ ଶୁକ୍ରବାର ଡିସ୍ଚାର୍ଜ ହୋଇଛନ୍ତି। ଶନିବାର ଯୋଗାଯୋଗ ବେଳେ ସେ କହିଛନ୍ତି, ପ୍ରଶାସନ ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଯୋଗୁ ମୁଁ ଏବଂ ମୋ ପିଲା ସୁସ୍ଥ ହୋଇ ଘରକୁ ଫେରିଛୁ।

# ପ୍ରଶାସନ, ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

କାଶୀନଗର,୮।୮(ଡି.ଏନ୍.ଏ.):

**କରୋନା ପରିଚାଳନା**

ଗଜପତି ଜିଲା କାଶୀନଗର ଅଞ୍ଚଳରେ କରୋନା ପରିଚାଳନା କାର୍ଯ୍ୟରେ ପ୍ରଶାସନ ଏବଂ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ପରିଲକ୍ଷିତ ହୋଇଛି।

ସୂଚନା ଅନୁଯାୟୀ, କେ.ସି. ଗୋରିସେଟ୍ଟି ନାମକ ଶିକ୍ଷକ ଜୁଲାଇ ୩୧ରେ ଅବସର ଗ୍ରହଣ କରିଥିଲେ। କିନ୍ତୁ ତହସିଲଦାରଙ୍କ ଚିଠି ନଂ.-୧୬୦୫/୪/୮/୨୦ ଅନୁଯାୟୀ ତାଙ୍କୁ ଉଲ୍ଲାଭଦ୍ରା କ୍ୱାରାଣ୍ଟାଇନ ସେଣ୍ଟରରେ ନିୟୋଜିତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟଜଣେ ଶିକ୍ଷକ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ତାଙ୍କୁ କୋଭିଡ୍ ପରିଚାଳନା ଦାୟିତ୍ୱ, ପି. ଶ୍ରୀନିବାସ ନାମକ ଶିକ୍ଷକଙ୍କୁ କାଶୀନଗର ଓ ଅଲଡ଼ା ୨ଟି ସ୍ଥାନରେ ନୋଡାଲ୍ ଅଫିସରଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଅଗଷ୍ଟ ମାସରେ ଅବସର ନେବାକୁ ଯାଉଥିବା ସୁରେନ୍ଦ୍ର ସାହୁଙ୍କୁ କୌଣସି ଯାତାୟାତ ସୁବିଧା ନ ଥିବା ସ୍ଥାନରେ ଦାୟିତ୍ୱ ଦିଆଯାଇଛି। ପଡ଼ୋଶୀ ଜିଲାମାନଙ୍କରେ ୫୦ ବର୍ଷ ଅତିକ୍ରମ କରିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଉ ନ ଥିବାବେଳେ ଗଜପତି ଜିଲାରେ ଏହା ପାଳନ କରାଯାଉ ନ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେଲା ଅଲଡ଼ା ଆଦର୍ଶ ବିଦ୍ୟାଳୟରେ କୌଣସି ପ୍ରବାସୀ ଓଡ଼ିଆ ନ ଥିବା ସତ୍ତ୍ୱେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦାୟିତ୍ୱରେ ରହିବାକୁ ବାଧ କରାଯିବା ବିଷୟମାନେ ନାପସନ୍ଦ କରିଛନ୍ତି।

# ଚାଷୀ ପଞ୍ଜୀକରଣ ପାଇଁ ପ୍ରଚାର

ଖଜୁରିପଡା(ଡି.ଏନ୍.ଏ.)/ବଲସକୁମ୍ପା, ୮।୮(ଡି.ଏନ୍.ଏ.)



ଖଜୁରିପଡା ବ୍ଲକ ଦୂତିପଡା ଲ୍ୟାମ୍ପ ଶାଖା ପରିଚାଳକ ପ୍ରଦୀପ କୁମାର ସେଠୀଙ୍କ ନେତୃତ୍ୱରେ ଶନିବାର ଦୂତିମେଣ୍ଡି, ଦୂତିପଡା, ପିରିକୁଡି, ଗୁଦାରି, ସୁଡରେଜୁ, ସୁଡ୍ରୁକୁମ୍ପା, ବିଲାବାଡି, ବଲସକୁମ୍ପା, ଆଡାସିପଡା ଆଦି ପଞ୍ଚାୟତରେ ଡାକବାଜି ଯନ୍ତ୍ର ଦ୍ୱାରା ଖରିଫ ଧାନ ସଂଗ୍ରହ ନିମନ୍ତେ ଆଗୁଆ ନାମ ପଞ୍ଜୀକରଣ କରିବାକୁ ପ୍ରଚାର କରାଯାଇଥିଲା। ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ, ନୂତନ ଚାଷୀ ପଞ୍ଜୀକରଣ, ପଞ୍ଜୀକୃତ ତଥ୍ୟ ବାବଦରେ ଆପତ୍ତି ଗ୍ରହଣ, ଚାଷୀ ମାନଙ୍କ ଦାୟିତ୍ୱ, ସମିତି ମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରେ ପୋଷ୍ଟର ଲଗାଇ ଏନେଇ ଚାଷୀମାନଙ୍କୁ ସଚେତନ କରାଯାଇଛି। ସେହିପରି ଖଜୁରିପଡା ଲ୍ୟାମ୍ପ ଶାଖା ପରିଚାଳକ କୃପାସିନ୍ଧୁ ସାହୁଙ୍କ ନେତୃତ୍ୱରେ ମଧ ଶୁକ୍ରବାର ଡାକବାଜି ଯନ୍ତ୍ରଦ୍ୱାରା ଦଳପଡା. ଆର୍.ନୂଆଗାଁ, ଖଜୁରିପଡା ଓ ଅଲାପାଜୁରେ ଚାଷୀପଞ୍ଜୀକରଣ ପାଇଁ ପ୍ରଚାର ହୋଇଥିଲା।

# ପରେଡ୍ ବଦଳରେ ଅଭିବାଦନ

ଛତ୍ରପୁର,୮।୮(ଡି.ଏନ୍.ଏ.)

- ସୀମିତରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ
- ଶିକ୍ଷାନୁଷ୍ଠାନ ପ୍ରଭାତ ଫେରି ବନ୍ଦ

ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲାସ୍ତରୀୟ ୭୪ତମ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କରୋନା ଯୋଗୁ ଭାରତ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ପାଳନ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ସେହି ଅନୁଯାୟୀ, ପାଳନ କରିବା ଲାଗି ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅବଗତ କରାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମକୁ ସୀମିତ ଆକାରରେ ପାଳନ ପାଇଁ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷର ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ ନିୟମ ପ୍ରକାରେ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରି ଶୃଙ୍ଖଳାଗତ ଭାବେ ପାଳନ କରିବା ପାଇଁ ସ୍ଥିର କରାଗଲା। ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମୁଖ୍ୟମାନଙ୍କ ଦ୍ୱାରା ସକାଳ ୮ ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ହେଉଥିବା ପ୍ରଭାତ ଫେରି ବନ୍ଦ କରାଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ ନିଜ ଅନୁଷ୍ଠାନରେ କେବଳ ୩ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଜାତୀୟ ସଙ୍ଗୀତ ଗାନ ପୂର୍ବକ ପୂର୍ବାହ୍ନ ଘ.୮.୩୦ମିରେ ଜାତୀୟ ପତାକା ଉତ୍ତୋଳନ କରାଇବେ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ, କୌତୁକ କ୍ରୀଡା, ବହୁଭାଷୀ କବିତା ପାଠୋତ୍ସବକୁ ସ୍ଥଗିତ ରଖାଯାଇଛି। ପୋଲିସ ପରେଡ ପଡିଆ, ଛତ୍ରପୁରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ଘ.୯.୧୫ମିରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେଡ ବଦଳରେ ଏପିଆର୍ ଫୋର୍ସ, ଅଷ୍ଟମ ବାଟାଲିୟନ, ହୋମ୍ ଗାର୍ଡ ଓ ପୋଲିସ ଘୋଷବାଦ୍ୟ ଦ୍ୱାରା ଜାତୀୟ ପତାକାକୁ ସମ୍ମାନପୂର୍ବକ ଅଭିବାଦନ ଗ୍ରହଣ କରାଯିବ। ଜାତୀୟ ଦିବସକୁ ସ୍ମରଣୀୟ କରିବା ନିମନ୍ତେ ସନ୍ଧ୍ୟାରେ ସରକାରୀ ପ୍ରତିଷ୍ଠାନ,ବ୍ୟାବସାୟିକ ପ୍ରତିଷ୍ଠାନ, ବିଭିନ୍ନ ବ୍ୟାଙ୍କ ଏବଂ ଦୋକାନ ବଜାରରେ ଆଲୋକ ସଜ୍ଜା ପାଇଁ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରାଗଲା। କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି ।

# ସକାଳ ୭ରୁ ଅପରାହ୍ନ ୧ ଯାଏ ଖୋଲିବ ଦୋକାନ

ଫୁଲବାଣୀ ଅଫିସ, ୮।୮

କରୋନା ସଂକ୍ରମଣ ପ୍ରତିହତ ଲାଗି କନ୍ଧମାଳ ଜିଲା ପ୍ରଶାସନ କଣ୍ଟେନ୍ମେଣ୍ଟ ଜୋନ ଓ ପରେ ଲକ୍ଡାଉନ କଟକଣା ଜାରି କରିଛି। ପ୍ରାୟ ୨୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ସହରରେ ଦୋକାନ ବଜାର ପ୍ରାୟ ବନ୍ଦ ରହିଛି। ଲକ୍ଡାଉନ୍ ଅବଧି ସରିବା ପରେ ପ୍ରଶାସନ ନୂଆ ଗାଇଡ୍ଲାଇନ ଜାରିକରି କେବଳ ଔଷଧ ଦୋକାନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଛଡା ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବା ଉପରେ କଟକଣା ଲଗାଇ ଥିଲା। ଏହାକୁ ନେଇ ଅନ୍ୟ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଦୁଇ ଦିନ ତଳେ ଡିଆର୍ଡିଏ ଛକରେ ଚାଲିଥିବା ପରିବା ବଜାରକୁ ବିଟିମ୍ ପଡିଆକୁ ସ୍ଥାନାନ୍ତର କରା ଯାଇଥିଲା। ଏହାକୁ ପରିବା ବ୍ୟବସାୟୀ ସଂଘ ବିରୋଧ କରିଥିଲା। ଉଭୟ ଫୁଲବାଣୀ ବଣିକ ସଂଘ ଓ ପରିବା ବ୍ୟବସାୟୀ ସଂଘ ପ୍ରଶାସନର ଏଭଳି କଟକଣାକୁ ବିରୋଧ କରି ମଙ୍ଗଳବାରଠାରୁ ବଜାର ବନ୍ଦ ଡାକରା ଦେଇଥିଲା।

ସମସ୍ତ ଦୋକାନ ସକାଳ ୭ଟାରୁ ସନ୍ଧ୍ୟା ୫ଟା ଓ ପରିବା ବଜାର ପୂର୍ବଭଳି ଡିଆରଡିଏ ଛକରେ ଖୋଲିବା ପାଇଁ ଅନୁମତି ଦାବି କରି ସକାଳୁ ସମସ୍ତ ଦୋକାନ ବନ୍ଦ କରି ବ୍ୟବସାୟୀମାନେ ବିଜୁ ପଟ୍ଟନାୟକ ଛକରେ ଏକତ୍ର ହୋଇଥିଲେ। ଖବର ପାଇ ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ, ତହସିଲଦାର ଦୀନମଣି ନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଦେବ ବେହେରା, ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରମୁଖ ପହଞ୍ଚି ବଣିକ ସଂଘ ଓ ପରିବା ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ କେବଳ ଚା' ପାନ ଦୋକାନ ଛାଡି ଅନ୍ୟସମସ୍ତ ଦୋକାନ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଖୋଲିବାକୁ ଏବଂ ପରିବା ବଜାର ପୂର୍ବଭଳି ଡିଆର୍ଡିଏ ଛକରେ ଖୋଲିବାକୁ ଅନୁମତି ଦେଇଥିଲେ। ଏହା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଦୋକାନ ଖୋଲିବା ଦାବିରେ ଧାରଣା

ଶଙ୍କରାଖୋଲ,(ଡି.ଏନ୍.ଏ.)


ବ୍ୟବସାୟୀମାନେ ଧାରଣା ଦେଇଛନ୍ତି।

ଟିକାବାଲି ସହରରେ ଦୋକାନ ବଜାର ଖୋଲିବା ନେଇ ଶନିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଟିକାବାଲି ବଣିକ ସଂଘ ସଭାପତି ସୁନୀଲ କୁମାର ଭୋଇଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ କୋଭିଡ୍ କଟକଣା ମାନି ଧାରଣାରେ ବସିଥିଲେ। ମାସେ ପାଖାପାଖି ହେଲାଣି ଟିକାବାଲି ସହରକୁ ଜିଲା ପ୍ରଶାସନ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା କରିଛି। ସେବେଠାରୁ ସବୁ ଦୋକାନବଜାର ବନ୍ଦ। ବ୍ଲକ ପ୍ରଶାସନ ଲୋକଙ୍କୁ ଠିକ୍ ଭାବରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସଂଘର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ମିଟୁ ସୁବୁଦ୍ଧି, ଜ୍ୟୋତି ଭୋଇ ପ୍ରମୁଖ କହିଛନ୍ତି। ବାଧ ହୋଇ ଲୋକେ ଶଙ୍କରାଖୋଲ ବଜାରକୁ ଆସି ହୀନସ୍ତା ହେଉଛନ୍ତି। ତେଣୁ ତୁରନ୍ତ ଦୋକାନ ଖୋଲାଯାଉ ବୋଲି ସେମାନେ ଦାବି କରିଥିଲେ। ଘଟଣାସ୍ଥଳରେ ଟିକାବାଲି ଥାନା ଅଧିକାରୀ ରେବତୀ ଶବର, ଡାକ୍ତର ଜ୍ୟୋତି ରଞ୍ଜନ ଜେନା ପହଞ୍ଚି ବୁଝାସୁଝା କରିଥିଲେ। ଏନେଇ ଟିକାବାଲି ବିଡ଼ିଓ ଫକୀର ଚରଣ ପରିଡା ଜିଲାପାଳ ଡ. ବୃନ୍ଦା ଡିଙ୍କୁ ଜଣାଇବାରୁ ସମସ୍ତ ବ୍ୟବସାୟୀଙ୍କ କୋଭିଡ୍ ଟେଷ୍ଟ କରି ନେଗେଟିଭ ଆସିଲେ ଦୋକାନ ଖୋଲିବାକୁ ଅନୁମତି ଦେବାକୁ କହିଥିଲେ। ଏହାପରେ ଧାରଣା ହଟିଥିଲା।

